## ବିଦ୍ୟୁତ୍ ଆଘାତରେ ବୃଦ୍ଧା ମୃତ

ରିଆମାଳ,(ଡି.ଏନ.ଏ.): ରିଆମାଳ ଥାନା ତେଲିମୁଣ୍ଡା ଗ୍ରାମରେ ବିଦ୍ୟୁତ୍ ଆଘାତରେ ବୁଧବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ତେଲିମୁଣ୍ଡା ଗ୍ରାମର ସ୍ୱର୍ଗତ ଦାମୋଦର ସାହୁଙ୍କ ସ୍ତ୍ରୀ ପାର୍ବତୀ ଘର ସମ୍ମୁଖରେ ଘାସ ସଫା କରୁଥିବା ବେଳେ ବିଦ୍ୟୁତ୍ ଚାର୍ଜ ହୋଇଥିବା ଖୁଣ୍ଟ ସଂସ୍ପର୍ଶରେ ଆସିଥିଲେ। କରେଣ୍ଟ ଲାଗିବାରୁ ସେ ଛିଟିକି ପଡି ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଛତାବର ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିଆମାଳ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଡାକ୍ତରଖାନା ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଆଜି କ'ଣ କେଉଁଠି

ସମ୍ବଲପୁର
- ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ କାର୍ଯ୍ୟକ୍ରମ, ସହଯୋଗନଗରସ୍ଥିତ ବିରାଟ ଶିକ୍ଷାନୁଷ୍ଠାନ ସଭା କକ୍ଷ, ପୂର୍ବାହ୍ନ ୧୧ଟା।

### ସଂକ୍ଷେପରେ

#### ୯ ଜିଲାପରିଷଦ ଆସନ ପାଇଁ କଂଗ୍ରେସର ନାମାଙ୍କନ ଦାଖଲ

**ଝାରସୁଗୁଡ଼ା ଅଫିସ,୧୯।୧:** ବୁଧବାର ତୃତୀୟ ଦିନରେ ଜିଲାରେ ପ୍ରଥମେ କଂଗ୍ରେସ ଦଳ ୯ ଜିଲାପରିଷଦ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛି। କୋଭିଡ୍ କଟକଣା ପାଳନକରି ପ୍ରାର୍ଥୀମାନେ ନେତା ଓ କର୍ମୀଙ୍କ ଗହଣରେ ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଲଖନପୁର ବ୍ଲକ୍ ୧ନଂ ଜୋନ୍‌ରୁ ଅଶୋକ ସାହୁ, ୨ନଂ ଜୋନ୍‌ରୁ ବେଣୁଧର ଭୋଇ, ୩ନଂ ଜୋନ୍‌ରୁ ସୁମିତ୍ରା ସହିସ୍, ଝାରସୁଗୁଡା ବ୍ଲକ୍ ୧ନଂ ଜୋନ୍‌ରୁ ସୁଜାତା ପଟ୍ଟଯୋଶୀ, ୨ନଂ ଜୋନ୍‌ରୁ ଜଗଦୀଶ ପାତ୍ର, କୋଲାବିରା ବ୍ଲକ୍ ଜୋନ୍‌ରୁ ଶ୍ରୀକର ସାହୁ, କିର୍ମିରା ବ୍ଲକ୍ ଜୋନ୍‌ରୁ ପ୍ରମିଳା ଚିଲ, ଲଇକେରା ବ୍ଲକ୍ ୧ନଂ ଜୋନ୍‌ରୁ ତପସ୍ୱିନୀ ମୁଣ୍ଡା, ୨ନଂ ଜୋନ୍‌ରୁ ସନ୍ତୋଷିନୀ କିଷାନ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଜିଲା କଂଗ୍ରେସ କମିଟି ସଭାପତି ଭରତ ଅଗସ୍ତି, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ସମ୍ପାଦକ ଅଲେଖ କୁମାର, ଟାଉନ୍ ସଭାପତି ସଞ୍ଜୟ ମହାପାତ୍ର, ଲଖନପୁର ବ୍ଲକ୍ ସଭାପତି ଲିଙ୍ଗରାଜ ବଡେଇ, ବେଲପାହାଡ ଟାଉନ ସଭାପତି ଭାସ୍କର ପଟେଲ ପ୍ରମୁଖ ଉପସ୍ଥିତଥିଲେ।

#### ନାକଟିଦେଉଳ ବ୍ଲକ: ୧୧୦ ପ୍ରାର୍ଥିପତ୍ର ଦାଖଲ

**ନାକଟିଦେଉଳ,୧୯।୧(ଡ଼ି.ଏନ.ଏ.):** ବୁଧବାର ତୃତୀୟ ଦିନରେ ନାକଟିଦେଉଳ ବ୍ଲକରେ ସମୁଦାୟ ୧୧୦ଜଣ ପ୍ରାର୍ଥୀ ବିଭିନ୍ନ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧୭୫ ୱାର୍ଡସଭ୍ୟ ପାଇଁ ବୁଧବାର ୮୩ଜଣ, ୧୪ ସରପଞ୍ଚ ଆସନ ପାଇଁ ୧୬ଜଣ ଓ ୧୪ ସମିତିସଭ୍ୟ ଆସନ ପାଇଁ ୧୧ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ସୂଚନା ଦେଇଛନ୍ତି। ଆସନ୍ତା ଫେବୃଆରୀ ୧୮ରେ ଏଠାରେ ମତଦାନ ହେବ।

#### ଦେବଗଡ଼ ଏସ୍‌ଡିପିଓ କାର୍ଯ୍ୟାଳୟ ହେଲା ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ଦେବଗଡ଼,୧୯।୧ (ଡି.ଏନ.ଏ.):** ଦେବଗଡ଼ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ କେତେଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହା ଜଣାପଡିବା ପରେ କାର୍ଯ୍ୟାଳୟ ପରିସରକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଥିବା ଜଣାପଡିଛି।

#### ତୃତୀୟ ଦିନରେ ୩୦୩ ନାମାଙ୍କନ ଦାଖଲ

**ଝାରସୁଗୁଡ଼ା ଅଫିସ,୧୯।୧:** ବୁଧବାର ତୃତୀୟ ଦିନରେ ଜିଲାରେ ୩୦୩ ନାମାଙ୍କନ ପତ୍ର ଦାଖଲ ହୋଇଛି। ଲଖନପୁର ବ୍ଲକ୍‌ରେ ସରପଞ୍ଚ ଆସନ ଲାଗି ୩୨, ସମିତି ସଭ୍ୟ ପାଇଁ ୧୧, ୱାର୍ଡମେମ୍ବର ୪୪, ଝାରସୁଗୁଡା ବ୍ଲକ୍‌ରେ ସରପଞ୍ଚ ୧୨, ସମିତିସଭ୍ୟ ୧୦, ୱାର୍ଡମେମ୍ବର ୪୪, କିର୍ମିରା ବ୍ଲକ୍‌ରେ ସରପଞ୍ଚ ୧୪, ସମିତିସଭ୍ୟ ୪, ୱାର୍ଡ ମେମ୍ବର ୨୭, କୋଲାବିରା ବ୍ଲକ୍‌ରେ ସରପଞ୍ଚ ୮, ସମିତିସଭ୍ୟ ୮, ୱାର୍ଡମେମ୍ବର ୩୦, ଲଇକେରା ବ୍ଲକ୍‌ରେ ସରପଞ୍ଚ ୧୧, ସମିତିସଭ୍ୟ ୧୨, ୱାର୍ଡମେମ୍ବର ୨୭ ଓ ୯ଜିଲା ପରିଷଦ ଆସନ ଲାଗି ନାମାଙ୍କନ ଦାଖଲ ହୋଇଛି।

#### ଭାଜପାର ୪ ଜିଲାପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ରେଢାଖୋଲ,୧୯।୧ (ଡି.ଏନ.ଏ.):** ବୁଧବାର ରେଢାଖୋଲ ଉପଖଣ୍ଡର ୪ ଜିଲାପରିଷଦ ଆସନ ପାଇଁ ଭାଜପା ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜୋନ -୧ ପାଇଁ ହିରାବତି ପ୍ରଧାନ, ଜୋନ-୨ ଶରତ କୁମାର ପ୍ରଧାନ, ନାକ୍ଟିଦେଉଳ ଜୋନ-୧ ପାଇଁ ବିନୋଦିନୀ ପ୍ରଧାନ ଓ ଜୋନ-୨ ଆସନ ପାଇଁ ଲୋଚନା ଗଡତିଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କଟକଣା ପାଳନ କରି ପ୍ରାର୍ଥିମାନେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ପବିତ୍ର ବେହେରାଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜିଲା ଭାଜପା ସଭାପତି ଗିରୀଶ ପଟେଲ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ, ଦେବେନ୍ଦ୍ର ମହାପାତ୍ର, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ଦିବସ ସୁଦ୍ଧା ରେଢାଖୋଲ ବ୍ଲକର ୧୭୭ ୱାର୍ଡସଭ୍ୟ ଆସନ ପାଇଁ ୧୦୬ ଜଣ, ୧୪ ପଞ୍ଚାୟତର ସରପଞ୍ଚ ପାଇଁ ୨୨ଜଣ ଓ ସମିତିସଭ୍ୟ ପାଇଁ ୧୧ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବିଡିଓ ପରିକ୍ଷିତ ସାହୁ ସୂଚନା ଦେଇଛନ୍ତି।

# ଅପେକ୍ଷା କରି ଆରପାରିରେ ହିତାଧିକାରୀ

**ସମ୍ବଲପୁର,୧୯।୧(ବ୍ୟୁରୋ)**

ଦୀର୍ଘ ୯ମାସ ପିଡିଏସ୍ ଚାଉଳ ପାଇବାରୁ ବଞ୍ଚିତ ହୋଇଥିଲେ। ପଞ୍ଚାୟତ ପକ୍ଷରୁ ଏ ନେଇ ସ୍ଥାନୀୟ ଯୋଗାଣ ନିରୀକ୍ଷକଙ୍କୁ ଚିଠି କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଚାଉଳ କିମ୍ବା ଅନ୍ୟ ସାମଗ୍ରୀ ମିଳିଲା ନାହିଁ। ଏହାକୁ ଅପେକ୍ଷା କରି ଶେଷରେ ଆରପାରିକୁ ଚାଲିଯାଇଛନ୍ତି ଯୁଯୁମୁରା ବ୍ଲକ ଯୁଯୁମୁରା ଗ୍ରାମର ସୀତା ମିର୍ଦ୍ଧା।

ପରିବାରଙ୍କ କହିବା ଅନୁସାରେ କୋଭିଡ୍ ସମୟରେ ଆଧାର ଲିଙ୍କ୍ ନ ହେବାରୁ ପିଡିଏସ୍ ସାମଗ୍ରୀ ମିଳିଲା ନାହିଁ। ଅଧିକାରୀମାନଙ୍କ ଅବହେଳା ଯୋଗୁ ଆମ ଭଳି ଅନେକ ପରିବାର ଯୋଜନାର ଲାଭ ପାଇପାରୁନାହାନ୍ତି। ଆମ ଗ୍ରାମରେ ଆହୁରି ୪ ଜଣ ଓ ପଞ୍ଚାୟତରେ ୭ ଜଣ ହିତାଧିକାରୀ ଅଛନ୍ତି ବୋଲି କହିଥିଲେ। ସ୍ଥାନୀୟ ଜଣେ ସାମାଜିକ କର୍ମୀ କହିଛନ୍ତି, ଯୋଗାଣ ବିଭାଗରେ ବ୍ୟାପକ



ଯୁଯୁମୁରାରେ ପିଡିଏସ୍ ସାମଗ୍ରୀ ପାଇବାରୁ ବଞ୍ଚିତ ପରିବାର ସଦସ୍ୟ।

ହେରଫେର କରାଯାଉଛି। ହିତାଧିକାରୀଙ୍କୁ ପିଡିଏସ୍ ସାମଗ୍ରୀ ଦିଆଯାଉ ନାହିଁ। ମାଗଣା ଚାଉଳ ଓ ୨ ଟଙ୍କିଆ ଚାଉଳ ବଣ୍ଟନରେ ଅନିୟମିତତା କରାଯାଉଛି। ଜିଲାରେ ଦିବ୍ୟାଙ୍ଗ, ବୃଦ୍ଧ, ମାନସିକ ରୋଗୀ ତଥା ବିଭିନ୍ନ କାରଣରୁ ଆଧାର ଲିଙ୍କ୍ ହୋଇ ନ ଥିବା ଏଭଳି ହଜାର ସଂଖ୍ୟାରେ ହିତାଧିକାରୀ ଅଛନ୍ତି। କେବଳ ଯୁଯୁମୁରା ବ୍ଲକରେ ୧୮ ଗୋଟି ପଞ୍ଚାୟତରେ ୨ ଶହରୁ ଅଧିକ ଜଣ ରହିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଯୋଗାଣ ନିରୀକ୍ଷକ ଓ ଅନ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ତାଲିକା ଦିଆଯାଇଛି। ହେଲେ ମାସ ମାସ ବିତିଯାଉଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରି ନାହିଁ। ଯୁଯୁମୁରାର ହିତାଧିକାରୀ ଯଶୋଦା ପ୍ରଧାନ ଅନ୍ୟତମ।

**ମିଳିଲାନି ପିଡିଏସ୍ ଚାଉଳ**
■ ବ୍ଲକରେ ଅଛନ୍ତି ୨ ଶହରୁ ଅଧିକ

କାର୍ଡରେ ପୁରନ୍ଦର ଓ ଅହଲ୍ୟା ପ୍ରଧାନଙ୍କୁ ମିଶାଇ ମୋଟ ୩ ଜଣଙ୍କ ନାମ ରହିଛି। ଯଶୋଦାଙ୍କ ଆଧାର ଲିଙ୍କ୍ ହୋଇଥିବାରୁ ସେ ସାମଗ୍ରୀ ପାଉଛନ୍ତି। ହେଲେ ଅନ୍ୟ ୨ ଜଣଙ୍କୁ ମିଳି ନ ଥିବା ଅଭିଯୋଗ କରିଛନ୍ତି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ପୁରନ୍ଦରଙ୍କୁ ଠିକ୍ ଭାବେ ଦେଖାଯାଉ ନାହିଁ। ଅହଲ୍ୟା ମଧ୍ୟ ଠିକ୍ ଭାବେ ଚାଲିପାରୁ ନାହାନ୍ତି। ଏହି ପରିବାର ପାଖରେ ପିଡିଏସ୍ ସାମଗ୍ରୀ ପହଞ୍ଚିବ ନା ସୀତାଙ୍କ ଭଳି ଅବସ୍ଥା ହେବ ତାହା ସମୟ କହିବ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ଏ ନେଇ ଯୋଗାଣ ନିରୀକ୍ଷକଙ୍କୁ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯିବ।

# ୧୧ ଜିଲାପରିଷଦ ପ୍ରାର୍ଥୀ ଘୋଷଣା କଲା ବିଜେଡି

**ସମ୍ବଲପୁର,୧୯।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସକାଶେ ବୁଧବାର ସମ୍ବଲପୁର ଜିଲା ବିଜୁ ଜନତା ଦଳ ଜିଲାପରିଷଦ ତାଲିକା ପ୍ରକାଶ କରିଛି। ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଇଂ ସିଦ୍ଧାର୍ଥ ଦାସ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିଛନ୍ତି। ମୋଟ ୧୮ ଆସନରୁ ୧୧ଟିର ତାଲିକା ପ୍ରକାଶ କରାଯାଇଛି। ଧନକଉଡା ବ୍ଲକ ଜୋନ-୧ରେ ଗୋପାଳ ଅଗ୍ରୱାଲ ଓ ଜୋନ-୨ରେ ସୁର୍ଦଶନ ହରିପାଲ, ମାନେଶ୍ୱର ବ୍ଲକ ଜୋନ-୧ରେ ସୁରଜା ସେଠ, ରେଙ୍ଗାଲି ବ୍ଲକ ଜୋନ-୧ରେ ଚୋଲେଶ୍ୱରୀ ମହାନନ୍ଦ ଓ ଜୋନ-୨ରେ ଦେନାରାୟଣ ତିୱାରୀ, ବାମରା ବ୍ଲକ ଜୋନ-୧ରେ କୃଷ୍ଣଚନ୍ଦ୍ର ଟପ୍ପୋ ଓ ଜୋନ-୨ରେ କୁମୁଦିନୀ ନାୟକ, ଜମନକିରା ଜୋନ-୧ରେ ସୁଜାତା ଖୁଣ୍ଟିଆ ଓ ଜୋନ-୨ରେ ତନୟା ଧୁରୁଆ, କୁଚିଣ୍ଡା ଜୋନ-୧ରେ ଅଜିତ କୁମାର ମହାପାତ୍ର ଓ ଜୋନ-୨ରେ ପୂର୍ଣ୍ଣଚନ୍ଦ୍ର କିଶାନଙ୍କ ନାମ ଜିଲାପରିଷଦ ପ୍ରାର୍ଥୀ ତାଲିକାରେ ରହିଛି । ଗୁରୁବାର ବାକି ଥିବା ୭ ଆସନ ସକାଶେ ପ୍ରାର୍ଥୀଙ୍କ ଘୋଷଣା କରାଯିବ ବୋଲି ଜିଲା ସଭାପତି ଦାସ କହିଛନ୍ତି।

# ୪ ମାସ ତଳୁ ଘୋଷଣା ହୋଇ ବି ମିଳିନି ପୁରସ୍କାର

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)**

ଯେତେ ଲୁଚେଇଲେ ବି ବନ ବିଭାଗର ଦୁର୍ନୀତି ଲୁଚୁ ନାହିଁ। କେଉଁଠି ନା କେଉଁଠି ଫୁଟି ପଦାକୁ ବାହାରୁଛି। ଏବେ ବିଭାଗର ଆଉ ଏକ ଦୁର୍ନୀତି ସାମ୍ନାକୁ ଆସିଛି। ବନ ବିଭାଗ ପ୍ରତିବର୍ଷ ସବ୍‌ଡିଭିଜନସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରିଥାଏ। ଏଥର ମଧ୍ୟ ଦିଆଯାଇଥିଲା। ୨୦୨୧ ଅକ୍ଟୋବରରୁ ଏହି ପୁରସ୍କାର ଦିଆସରିଛି ବୋଲି ସରକାରୀ ତଥ୍ୟ କହୁଛି। କିନ୍ତୁ ଦୀର୍ଘ ୪ ମାସ ପରେ ବି ପୁରସ୍କୃତ ହେଇଥିବା ଲୋକେ ତାହା ପାଇନାହାନ୍ତି। ୨୦୨୧ ଅକ୍ଟୋବର ପ୍ରଥମ ସପ୍ତାହରେ ପ୍ରକାଶିତ ୱାଇଲ୍ଡଲାଇଫ୍ ଓଡ଼ିଶା-୨୦୨୧ ପୁସ୍ତକର ୧୪୯ ଓ ୧୫୦ ପୃଷ୍ଠାରେ ସାରା ରାଜ୍ୟର ବିଭିନ୍ନ ବନଖଣ୍ଡ ଅଧୀନରେ ୩୮ ଜଣଙ୍କୁ ସବ୍‌ଡିଭିଜନସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର-୨୦୨୧ ପ୍ରଦାନ କରାଯାଇଛି ବୋଲି ଉଲ୍ଲେଖ ରହିଛି। ସମସ୍ତ ପୁରସ୍କାର ବିଜେତାଙ୍କୁ ଗତବର୍ଷ ଅକ୍ଟୋବର ୨ରୁ ୮ ତାରିଖ ମଧ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଏହି ପୁରସ୍କାର ଦିଆଯାଇଥିଲା। ଏହି କ୍ରମରେ ସମ୍ବଲପୁର ସର୍କଲ ଅଧୀନସ୍ଥ ଝାରସୁଗୁଡ଼ା ଡିଭିଜନରେ ବାବୁଲ କୁମାର ରାଉତ ଏହି ପୁରସ୍କାର ପାଇଛନ୍ତି ବୋଲି ଉଲ୍ଲେଖ ହୋଇଛି। ହେଲେ ଆଶ୍ଚର୍ଯ୍ୟର କଥା ବାବୁଲଙ୍କୁ ଏହି ପୁରସ୍କାର ଏଯାଏ ଦିଆଯାଇନାହିଁ। ଏନେଇ ବାବୁଲ କୁହନ୍ତି, ମୋ ନାମ ସେହି ପୁରସ୍କାର ପାଇଁ ଚୟନ ହୋଇଛି ବୋଲି ଗତ ସେପ୍ଟେମ୍ବରରେ ଝାରସୁଗୁଡା ଡିଏଫ୍‌ଓ ଫୋନ କରି ମୋତେ ଜଣାଇଥିଲେ। ହେଲେ ତା'ପରେ ଆଉ କ'ଣ ହେଲା ମୁଁ ଜାଣିନାହିଁ। ମୁଁ ଭାବିଥିଲି କରୋନା କଟକଣା ପାଇଁ ହୁଏତ ସେହି ପୁରସ୍କାର ପ୍ରଦାନ ସ୍ଥଗିତ ରଖାଯାଇଛି। ହେଲେ ମୁଁ ସେହି ପୁରସ୍କାର ଗତ ଅକ୍ଟୋବରରୁ ପାଇସାରିଛି ବୋଲି ଶୁଣିବା ପରେ ଆଶ୍ଚର୍ଯ୍ୟ ଲାଗୁଛି। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ରାଜ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବନ ବିଭାଗ ପକ୍ଷରୁ ସବ୍‌ଡିଭିଜନସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ବାବଦରେ ସାର୍ଟିଫିକେଟ୍ ଓ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥାଏ। ହେଲେ ବାବୁଲଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେଣୁ ଯଥାଶୀଘ୍ର ବାବୁଲଙ୍କୁ ସମ୍ମାନେ ଏହି ପୁରସ୍କାର ପ୍ରଦାନ କରିବାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରିଛନ୍ତି।

## ପୋଲିସ ପରିଚୟ ଦେଇ ଠକୁଥିବା ଯୁବକ ଅଟକ

**ସମ୍ବଲପୁର,୧୯।୧ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ନିଜକୁ ପୋଲିସ ପରିଚୟ ଦେଇ ଠକୁଥିବା ଯୁବକଙ୍କୁ ପୋଲିସ ଅଟକ ରଖିଛି। ହୀରାକୁଦ ଅଞ୍ଚଳର ସୁବ୍ରତ ଛତ୍ରିଆ ଠକେଇର ଶିକାର ହୋଇଥିବା ନେଇ ହୀରାକୁଦ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଯୁବକ ଆଇଆଇସି ବୋଲି ପରିଚୟ ଦେଇ ତାଙ୍କଠାରୁ ଟଙ୍କା ନେଇଥିଲେ ମଧ୍ୟ କାମ କରି ନ ଥିଲେ। ସେ ବୁର୍ଲା ଲହଣ୍ଡା ଗ୍ରାମର ବୋଲି ଜଣା ପଡିଥିଲା। ଘରକୁ ଯାଇ ତାଙ୍କ ବାପାଙ୍କୁ ଅଭିଯୋଗ କରିବା ପରେ ଟଙ୍କା ଫେରାଇ ଦେଇଥିଲେ।

## ବର୍ଷୀୟାନ ପୂଜକ ବିରଞ୍ଚି ମହାପାତ୍ରଙ୍କ ଦେହାନ୍ତ

**ପଡିଆବାହାଲ,୧୯।୧(ଡି.ଏନ.ଏ.)**

ଯୁଯୁମୁରା ବ୍ଲକ ଖଲିଆପାଲି ଗ୍ରାମର ବର୍ଷିୟାନ ମହାଦେବ ମନ୍ଦିର ପୂଜକ ତଥା ଗ୍ରାମ୍ୟ ଆୟୁର୍ବେଦ ଚିକିତ୍ସକ ବିରଞ୍ଚି ପ୍ରସାଦ ମହାପାତ୍ରଙ୍କ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ପୀଡିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ ନାତିନାତୁଣୀ ଓ ଆତ୍ମୀୟ ଉପସ୍ଥିତ ଥିଲେ। ନିକଟସ୍ଥ ବାହାମ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ଅନନ୍ତ ନାରାୟଣ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଯୁବକଙ୍କ ମୃତଦେହ ଜବତ

**ବ୍ରଜରାଜନଗର,୧୯।୧(ଡି.ଏନ.ଏ.)**

ବ୍ରଜରାଜନଗର ଥାନା ହିଲଟପ କଲୋନୀ ମାଇନ୍ସ ରାସ୍ତାରେ ବୁଧବାର ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ରାହୁଲ ମହାନନ୍ଦ ଓ ତାଙ୍କ ଘର ରାପୁର ଫାଣ୍ଡି ଅନ୍ତର୍ଗତ ଲଚକୁରା ଗ୍ରାମରେ। ରାହୁଲ ଜଣେ ମାନସିକ ରୋଗୀ ଓ ସେ ୬ଦିନ ହେଲା ଘରୁ ନିଖୋଜ ଥିଲେ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି। ଫାଣ୍ଡି ଅଧିକାରୀ ପ୍ରକାଶ ଦଳେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତଥିବା ଅଧିକାରୀ ଓ ବୁଦ୍ଧିଜୀବୀ।

**ଝାରସୁଗୁଡ଼ା ଅଫିସ,୧୯।୧**

୭୩ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଝାରସୁଗୁଡା ଜିଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପରେଡ୍‌ରେ କୌଣସି ସ୍କୁଲ, କଲେଜ୍ ଛାତ୍ରୀଛାତ୍ର ଯୋଗନଦେଇ କେବଳ ପୋଲିସ୍ ବାହିନୀଙ୍କୁ ନେଇ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କରୋନା ସହ କୃଷି, ଶିକ୍ଷା, ବାଲ୍ୟସୁରକ୍ଷା ଓ ଅଧିକାର କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ବୈଠକରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ, ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ୍ ସାଏ, ଝାରସୁଗୁଡା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ଆନନ୍ଦିନୀ ପାଢୀ, ପିଂଟୁ ପାଢୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗେନ୍ଦ୍ର ମାଝି ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ, ଆଶ୍ରୟ ପାଇବେ ଅସହାୟ

**ସମ୍ବଲପୁର,୧୯।୧ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୈଜାମୁଣ୍ଡାରେ ନିର୍ମାଣ ହୋଇଥିବା ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଏହି ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍‌ପି ବି. ଗଙ୍ଗାଧର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ଅସହାୟ ଓ ନିରାଶ୍ରୟଙ୍କ ପାଇଁ ଏହି କମ୍ପ୍ଲେକ୍ସର କଳ୍ପନା କରାଯାଇଥିଲା। ଉଦ୍ଧାର ହୋଇଥିବା ୪୭ ଜଣ ଭିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଏଠାରେ ଥଇଥାନ କରାଯାଇଥିବା ଜିଲା ଭିନ୍ନକ୍ଷମ ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ ସୂଚନା ଦେଇଛନ୍ତି।



ଉତ୍ସବରେ ଯୋଗଦେଇଥିବା ଅଧିକାରୀମାନେ।

ସେମାନଙ୍କ ପାଇଁ ଉନ୍ନତମାନର ଖାଦ୍ୟପେୟ, ରହଣି, ମନୋରଞ୍ଜନ ଓ ଖେଳକୁଦ ପାଇଁ ଆବଶ୍ୟକ ସରଞ୍ଜାମ ସହ ଯୋଗ ଓ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ରହିବ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୧୯।୧(ଡି.ଏନ.ଏ. )**

୭୩ ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବୁଧବାର ଅପରାହ୍ନରେ ସ୍ଥାନୀୟ ସଦଭାବନା ଭବନଠାରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଗୃହ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସମ୍ପୂର୍ଣ୍ଣ କୋଭିଡ କଟକଣା ମଧ୍ୟରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୨୬ତାରିଖ ପ୍ରାତଃ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯିବ। ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେହିପରି ସକାଳ ୭ଟା୩୦ରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଅନୁଷ୍ଠାନ ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ରିଜର୍ଭ ପୋଲିସ ପଡ଼ିଆ, ଶଙ୍କରା ଠାରେ ସକାଳ ୮:୩୦ ମିନିଟ ସମୟରେ ଜିଲାସ୍ତରୀୟ ସାଧାରଣନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିବେ। ମାର୍ଗଦର୍ଶିକା ଅନୁଯାୟୀ ଉତ୍ସବରେ ସାଧାରଣ ଜନତା ସାମିଲ ହେବେ ନାହିଁ। କେବଳ ସୀମିତ ସଂଖ୍ୟକ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ପୋଲିସ, ଅଗ୍ନିଶମ କର୍ମଚାରୀ, ପରିମଳ କର୍ମଚାରୀ ଆଦି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କୋଭିଡ ସମୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କୋଭିଡ ଯୋଦ୍ଧା ମାନଙ୍କୁ ସମ୍ମାନିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଭୈରବ ସିଂ ପଟେଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ସଂସ୍କୃତି ଅଧିକାରୀ ଅନିଲ କେରକେଟା ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବୈଠକ ପରିଚାଳନା କରିଥିଲେ।

# ଜିଲା ପରିଷଦ ଆସନ ପାଇଁ ବିଜେଡିର ନାମାଙ୍କନ ଦାଖଲ

**ଦେବଗଡ଼,୧୯।୧(ଡି.ଏନ.ଏ.)**

ଦେବଗଡ଼ ଜିଲାର ୭ ଜିଲା ପରିଷଦ ଆସନ ମଧ୍ୟରୁ ୪ ଆସନ ବୁଧବାର ବିଜେଡି ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରାର୍ଥୀମାନେ କୋଭିଡ କଟକଣା ପାଳନ ପୂର୍ବକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ବାରକୋଟ ବ୍ଲକ ଜିଲାପରିଷଦ ଜୋନ-୨ ପ୍ରାର୍ଥୀ ଭାବେ ସମରେନ୍ଦ୍ର ଜିତ, ଜୋନ-୩ ପ୍ରାର୍ଥୀ ଭାବେ ଗୀତାଞ୍ଜଳି ପାଣି, ରିଆମାଳ ବ୍ଲକ ଜିଲାପରିଷଦ ଜୋନ-୧ ଆସନ ପାଇଁ କୌଶିକ କୁମାର ପ୍ରଧାନ ଓ ଜୋନ-୨ ପ୍ରାର୍ଥୀ ଭାବେ ବାସନ୍ତି ବେହେରା ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରଥିଲେ।

# ତିନି ଦଳର ଜିଲାପରିଷଦ ପ୍ରାର୍ଥୀ ତାଲିକା ଘୋଷଣା

**କୁତ୍ରା ୧୯।୧ (ଡି.ଏନ.ଏ)**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ନିଜର ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏଥି ମଧ୍ୟରୁ ବିଜେଡି 'କ' ଜୋନ ପାଇଁ ପିଙ୍କି ସୁନ୍ୟାନୀ ଓ 'ଖ' ଜୋନ ପାଇଁ ଗଙ୍ଗାରାମ ମିଞ୍ଜଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ସେହିଭଳି କଂଗ୍ରେସ ପକ୍ଷରୁ 'କ' ଜୋନ ପାଇଁ ସୁକାନ୍ତି ବାଦୀ ଓ 'ଖ' ଜୋନ ପାଇଁ ସୁକାନ୍ତି ଟପ୍ପୋଙ୍କୁ ପ୍ରାର୍ଥୀଭାବେ ଘୋଷଣା କରାଯାଇଛି। ବିଜେଡି ପକ୍ଷରୁ ଦଳର ବରିଷ୍ଠ ନେତା ମଙ୍ଗଳା କିଷାନଙ୍କ ଉପସ୍ଥିତିରେ ଉପଜିଲାପାଳଙ୍କ ପାଖରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କଂଗ୍ରେସର 'କ' ଜୋନ ପାଇଁ ଶୁକାନ୍ତ ବାଦି ଓ 'ଖ' ଜୋନ ପାଇଁ ଶୁକାନ୍ତି ଟପ୍ପୋ ବୁଧବାର ପୂର୍ବତନ ବିଧାୟକ ମୁଖରାମ ନାଏକଙ୍କ ସହିତ କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଭାଜପା ପକ୍ଷରୁ 'କ' ଜୋନ ପାଇଁ ଜୁନାସ ଲୁଗୁନ ଓ 'ଖ' ଜୋନ ପାଇଁ ଗୀତା ମହାନନ୍ଦିଆଙ୍କ ନାମ ଘୋଷଣା କରିଥିଲେ ହେଁ ଗୁରୁବାର ସେମାନେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡିଛି। ସେହିଭଳି କୁତ୍ରା ଗ୍ରାମ ପଞ୍ଚାୟତ ପାଇଁ ୧୬ଟି ପଞ୍ଚାୟତରେ ୨୪ ଜଣ ସରପଞ୍ଚ ପ୍ରାର୍ଥୀ, ୨୪ଜଣ ୱାର୍ଡ ସଭ୍ୟ ଓ ୨୨ ଜଣ ସମିତି ସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ତୃତୀୟ ଦିବସରେ ୧୨୭୭ ନାମାଙ୍କନପତ୍ର ଦାଖଲ

**ସୁନ୍ଦରଗଡ଼,୧୯।୧(ଡି.ଏନ୍.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ବୁଧବାର ଥିଲା ତୃତୀୟ ଦିବସ। ନିର୍ବାଚନରେ ପ୍ରତିଦ୍ୱନ୍ଦିତା ପାଇଁ ପ୍ରାର୍ଥୀମାନେ ପଞ୍ଚାୟତ, ବ୍ଲକ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତୃତୀୟ ଦିବସରେ ଜିଲାରେ ବିଭିନ୍ନ ପଦବୀ ପାଇଁ ମୋଟ ୧୨୭୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥିମଧ୍ୟରେ ୪୧ଜଣ ଜିଲା ପରିଷଦ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୩୪୨ଜଣ ସରପଞ୍ଚ, ୨୫୬ଜଣ ସମିତିସଭ୍ୟ ଓ ୬୩୮ଜଣ ଓାର୍ଡ ମେମ୍ବର ପଦବୀ ସକାଶେ ନାମାଙ୍କନପତ୍ର ଦାଖଲ କରିଥିବା ଜିଲା ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣା ଯାଇଛି। ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**
■ ସୁନ୍ଦରଗଡ଼ ଜିଲା

୭ଟି ଜିଲା ପରିଷଦ ଜୋନ୍ ପାଇଁ ବିଜେଡି ପ୍ରାର୍ଥୀମାନେ ସୁନ୍ଦରଗଡ ବିଜେଡି ଜିଲା ସଭାପତି ବିନୟ ଟପ୍ପୋଙ୍କ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଅଭିମନ୍ୟୁ ବେହେରାଙ୍କ ଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଲେଫ୍ରିପଡା -କ ଜୋନ୍‌ରୁ ବୈଷ୍ଣବ ମାଝୀ, ବାଲିଶଙ୍କରା-କଜୋନ୍ ରୁ ବିନୋଦ କୁମାର କୁଜୁର, ଖ ଜୋନ୍ ରୁ ଜୟନ୍ତୀ ଏକ୍କା, ସବଡେଗା କ ଜୋନ୍‌ରୁ ମନେକ୍ସ ବରୁଆ, ଖ ଜୋନ୍‌ରୁ ଜଲାନୀ କେରକେଟା, ବଡଗାଁ କ ଜୋନ୍‌ରୁ ଅମୀୟ କୁମାର ପ୍ରଧାନ, ଖ ଜୋନ୍‌ରୁ ସୋନାଲି ଲାକ୍ରା ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଦାଖଲ ସମୟରେ ପୂର୍ବତନ ବିଧାୟକ ତଥା ବିଜେଡି ବରିଷ୍ଠ ରାଜ୍ୟ ସାଧାରଣ ସମ୍ପାଦକ ଡ. ପ୍ରଫୁଲ୍ଲ କୁମାର ମାଝି, ରାଜ୍ୟ ବିଜୁ ଯୁବ ଜନତାଦଳ କାର୍ଯ୍ୟକାରୀ ସଭାପତି ତଥା ତଳସରା ନିର୍ବାଚନ ମଣ୍ଡଳୀର ସହପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ, ବରିଷ୍ଠ ନେତା ହରଜେନ୍ଦ୍ର ସିଂଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ଜିଲାପରିଷଦ ଜୋନର କଂଗ୍ରେସ ପ୍ରାର୍ଥୀମାନେ ମଧ୍ୟ ଆସି ସଦର ଉପଜିଲାପାଳଙ୍କଠାରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତଳସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡଗାଁ-କ ପାଇଁ ଶୁକ୍ରାମ ମାଝୀ, ବଡଗାଁ ଖ ପାଇଁ ଜ୍ୟୋତି ବିନୀତା ସୋରେଙ୍ଗ, ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗରପାଲି କ ପାଇଁ ଯଶୋଦା ପଟେଲ, ଖ ପାଇଁ ସୁପ୍ରିୟା ଚୌଧୁରୀ ଏବଂ ସୁନ୍ଦରଗଡ ସଦର କ ପାଇଁ ରାଜୀବ ନାଏକ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ ,ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ରାଜଗାଙ୍ଗପୁର ବିଧାୟକ ଡା. ସିଏଚ୍ ରାଜେନ୍ ଏକ୍କା, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ପିସିସି ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମହାପାତ୍ର, ଜିଲା ଉପସଭାପତି ଅଜିତ ପ୍ରସାଦ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ପ୍ରଦେଶ କଂଗ୍ରେସ ସେବାଦଳର ସାଧାରଣ ସମ୍ପାଦକ ମୁନୁସରାଫ, ବଡଗାଁ ବ୍ଲକ ସଭାପତି ଚିନ୍ତାମଣି ସାହୁ, ଟାଙ୍ଗରପାଲି ବ୍ଲକ ସଭାପତି ଶୁକଦେବ ବଡେଇ, ସଦର ବ୍ଲକ ସଭାପତି ଦୀନବନ୍ଧୁ ନାଏକ, କମଳସେନ୍, ପ୍ରଣବସିଂ, ସତ୍ୟଜିତ ପଣ୍ଡା, ସତ୍ୟଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ହଲନଭଟାରେ ଖୋଲିଲା ଉପଡାକଘର ଶାଖା

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉପଡାକଘର ଶାଖା ଖୋଲିଛି। ସାମାଜିକ କର୍ମୀ ବଂଶୀ ତାଣ୍ଡି ଏହାକୁ ଉଦ୍‌ଘାଟନ କରିଛନ୍ତି। ହଲନଭଟା ପଞ୍ଚାୟତ ତଥା ଆଖପାଖ ଗ୍ରାମର ଅଧିବାସୀ ଏହାଦ୍ୱାରା ଉପକୃତ ହୋଇ ପାରିବେ। ଉଦ୍‌ଘାଟନୀ ସମୟରେ ବଲାଙ୍ଗୀର ଡାକ ମଣ୍ଡଳ ତରଫରୁ ପାଟଣାଗଡ ସବ୍‌ଡିଭିଜନର ମେଲ ଓଭରସିୟର ଚନ୍ଦ୍ରମଣୀ ମେହେର, ମହୁଲପାଟି ପୋଷ୍ଟମାଷ୍ଟର ମୋତିଲାଲ ମାଝିଙ୍କ ସହ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ୫ ଜିଲା ପରିଷଦ ଜୋନ ପାଇଁ ପ୍ରାର୍ଥିପତ୍ର ଦାଖଲ

**ଟିଁଟିଲାଗଡ଼ ଉପଖଣ୍ଡ**



ବିଜେଡି ପ୍ରାର୍ଥୀଙ୍କୁ ମନ୍ତ୍ରୀ ଟିକେଟ୍ ପ୍ରଦାନ କରୁଛନ୍ତି।

**ଟିଁଟିଲାଗଡ଼,୧୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଁଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକର ବିଭିନ୍ନ ଜୋନରୁ ୫ଜଣ ପ୍ରାର୍ଥୀ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଟିଁଟିଲାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୮ଟି ଜିଲା ପରିଷଦ ଆସନ ମଧ୍ୟରୁ ଜୋନ ନଂ ୭ରୁ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତା ବିଶି ଏବଂ ୩୧ରୁ ରୀତାରାଣୀ ହାତୀଙ୍କୁ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ବିଜେଡି ଟିକେଟ ପ୍ରଦାନ କରିଥିଲେ। ପରେ ନେତ୍ରୀଦ୍ୱୟ ଦଳର ବରିଷ୍ଠ ନେତା ପ୍ରେମ ଜୈନ, ଅରୁଣ ମିଶ୍ର, ଆଇନଜୀବୀ ରଘୁନାଥ ରଥ, ବିଶ୍ୱଜିତ ପାତ୍ର, ମହେଶ ମହାନ୍ତି, ଉମାଦେବୀ ଅଗ୍ରୱାଲ, ରମାକାନ୍ତି ପୁଟେଲ, ଜଗଦୀଶ ମହାଲିଙ୍ଗଙ୍କ ଗହଣରେ ଟିଁଟିଲାଗଡ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୧ ନମ୍ବର ଜୋନରୁ ଭାଜପା ପ୍ରାର୍ଥିନୀ ଉର୍ମିଳା ରଣା, ୩୨ ନଂ ଜୋନରୁ ପ୍ରମୋଦ ଭୋଇ ନାମାଙ୍କନ ଦାଖଲ କରିଛନ୍ତି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୋନ ନଂ. ୧୦ରୁ ସମା ପ୍ରବୀଣ ଉପଜିଲାପାଳଙ୍କଠାରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ମୋଟ ୫ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିବା ବେଳେ ୨୧ ସେଟ ପ୍ରାର୍ଥୀପତ୍ର ବିକ୍ରି ହୋଇଛି।

## ୧୨ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କଲା ଭାଜପା

**ସୋନପୁର,୧୯।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲାର ମୋଟ ୧୩ଟି ଜିଲା ପରିଷଦ ଆସନ ମଧ୍ୟରୁ ଭାଜପା ୧୨ ପ୍ରାର୍ଥୀଙ୍କ ନାମ ବୁଧବାର ଚୂଡ଼ାନ୍ତ କରିଛି। ସୋନପୁର ବ୍ଲକ ଜିଲା ପରିଷଦ ଜୋନ-୨ରୁ ଦଳ କାହାରିକୁ ପ୍ରାର୍ଥୀ ଘୋଷଣା କରିନାହିଁ। ଏ ନେଇ ବିଚାର ବିମର୍ଶ ଚାଲିଥିବା ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ପ୍ରକାଶିତ ଦଳୀୟ ପ୍ରାର୍ଥୀ ତାଲିକା ଅନୁଯାୟୀ ଡୁଙ୍ଗୁରିପାଲି ବ୍ଲକ ଜିଲା ପରିଷଦ ଜୋନ-୧ରେ ପ୍ରଭାତୀ କୁମ୍ଭାର, ଜୋନ-୨ରେ ଦୀପାଞ୍ଜଳି ବରିହା, ଜୋନ–୩ରେ ହରିବନ୍ଧୁ କହ୍ଲାର, ସୋନପୁର ବ୍ଲକ ଜିଲା ପରିଷଦ ଜୋନ-୧ରେ ସୌଦାମିନୀ ତରିଆ, ତରଭା ବ୍ଲକ ଜିଲା ପରିଷଦ ଜୋନ-୧ରେ ରୁନୁ କମ୍ପ, ଜୋନ-୨ ରଶ୍ମିରେଖା ସେଠୀ, ବୀରମହାରାଜପୁର ବ୍ଲକ ଜୋନ-୧ରେ ରାଧାକାନ୍ତ ପଣ୍ଡା, ଜୋନ-୨ରେ ଶରତ ଚନ୍ଦ୍ର ମିଶ୍ର, ଉଲୁଣ୍ଡା ବ୍ଲକ ଜୋନ-୧ରେ ଯାଜ୍ଞସେନୀ ସୁନା, ଜୋନ-୨ରେ ବାସୁଦେବ ମିଶ୍ର, ବିନିକା ବ୍ଲକ ଜୋନ-୧ରେ ପ୍ରମିଳା କଲତା ଓ ଜୋନ-୨ରେ ବାବୁଲୁ ବିଶି ଟିକେଟ ପାଇଛନ୍ତି। ଗତ ଜିଲା ପରିଷଦ ନିର୍ବାଚନରେ ଭାଜପା ମୋଟ ୧୩ଟି ଆସନରୁ ୧୦ଟିରେ ବିଜୟ ଲାଭ କରିଥିଲା।

## ତୃତୀୟ ଦିନରେ ୫୭୧ ପ୍ରାର୍ଥିପତ୍ର ଦାଖଲ

**ସୁବର୍ଣ୍ଣପୁର ଜିଲା**

**ସୋନପୁର,୧୯।୧(ନି.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୁଧବାର ତୃତୀୟ ଦିବସରେ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ମୋଟ ୫୭୧ ଜଣ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୋନପୁର ବ୍ଲକରେ ୬୬ ଜଣ ୱାର୍ଡସଭ୍ୟ, ୧୯ ସରପଞ୍ଚ ଓ ୯ ସମିତି ସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଲୁଣ୍ଡା ବ୍ଲକରେ ୫୬ ୱାର୍ଡସଭ୍ୟ, ୧୭ ସରପଞ୍ଚ ଓ ୧୨ ସମିତି ସଭ୍ୟ ପାଇଁ, ବୀରମହାରାଜପୁର ବ୍ଲକରେ ୭୭ ୱାର୍ଡସଭ୍ୟ, ୧୭ ସରପଞ୍ଚ ଓ ୧୬ ସମିତି ସଭ୍ୟ ପାଇଁ, ଡୁଙ୍ଗୁରିପାଲି ବ୍ଲକରେ ୫୨ ୱାର୍ଡସଭ୍ୟ, ୨୫ ସରପଞ୍ଚ ଓ ୧୦ ସମିତି ସଭ୍ୟ, ତରଭା ବ୍ଲକରେ ୬୫ ୱାର୍ଡସଭ୍ୟ, ୧୭ ସରପଞ୍ଚ, ୨୦ ସମିତି ସଭ୍ୟ, ବିନିକା ବ୍ଲକରେ ୫୨ ୱାର୍ଡସଭ୍ୟ, ୧୯ ସରପଞ୍ଚ ଏବଂ ୨୦ ସମିତି ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବହୁଜନ ସମାଜ ପାର୍ଟି ତରଫରୁ ସୋନପୁର ବ୍ଲକ ଜୋନ୍ ୨ ପାଇଁ ଅନିଲ ତାଣ୍ଡିଆ ଓ ତରଭା ବ୍ଲକ ଜୋନ୍ ୧ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଅଞ୍ଜଳି କମ୍ପ ଜିଲା ପରିଷଦ ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର କୌଣସି ଜିଲା ପରିଷଦ ସଦସ୍ୟ ପ୍ରାର୍ଥୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି।

# ବାହାର ଜିଲାରୁ ଆସୁଛି ଧାନ

**ଯୋଗାଣ ବିଭାଗ ଚଢାଉ, ଧାନ ବୋଝେଇ ଟ୍ରକ୍ ଜବତ**

ସୋନପୁର,୧୯।୧(ନି.ପ୍ର.)

ବ୍ୟବସାୟୀଙ୍କ ଜରିଆରେ ବାହାର ଜିଲାରୁ ଧାନ ସୁବର୍ଣ୍ଣପୁର ଜିଲାକୁ ଆସୁଛି। ଅଣ୍ଡରରେଟ୍‌ରେ କିଣାଯାଇଥିବା ଏହି ଧାନ ବିଭିନ୍ନ ମଣ୍ଡି ଜରିଆରେ ସରକାରୀ ଦରରେ ବିକ୍ରି ହେଉଛି। ଜିଲାରେ ଧାନ କଳାବଜାରୀ ଓ ବେଆଇନ ଚାଲାଣକୁ ରୋକିବା ପାଇଁ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ଚଢାଉ ଜୋରଦାର କରିଛି। ଏହିକ୍ରମରେ ମଙ୍ଗଳବାର ରାତିରେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧାଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ ଓ ଟିମ୍ ରାମପୁର-ଡୁଙ୍ଗୁରିପାଲି



ଜବତ ଧାନ ବୋଝେଇ ଟ୍ରକ।

ରାସ୍ତାର ପିପିଲିପାଲି ଠାରେ ଓଡି୧୫ବି-୪୭୫୯ ନମ୍ବର ବିଶିଷ୍ଟ ଧାନ ବୋଝେଇ ଟ୍ରକ୍‌କୁ ଅଟକାଇ ତନଖି କରିଥିଲେ। ଏହି ଟ୍ରକ୍‌ରେ ବୌଦ୍ଧ ଜିଲାର କଣ୍ଟାମାଳ ଅଞ୍ଚଳରୁ ୩୩୬ ବସ୍ତା ଧାନ(ଓଜନ ପରେ ୧୨୦.୩୦ କୁଇଣ୍ଟାଲ) କୌଣସି ଏକ ସ୍ଥାନକୁ ବିକ୍ରି ଉଦ୍ଦେଶ୍ୟରେ ଚାଲାଣ ହେଉଥିଲା। ଟ୍ରକ୍ ଡ୍ରାଇଭର ଗୋବିନ୍ଦ ଗିରି ଧାନ ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ଡୁଙ୍ଗୁରିପାଲି ଯୋଗାଣ ନିରୀକ୍ଷକ ଜଗନ୍ନାଥ ଭୋଇ ଏହି ଧାନ ଓ ଟ୍ରକକୁ ଜବତ କରିଛନ୍ତି। ଜବତ ଧାନ ଓ ଟ୍ରକ୍‌କୁ ଡୁଙ୍ଗୁରିପାଲିସ୍ଥିତ ଉମାଶଙ୍କର ରାଇସ ମିଲ୍ ଜିମା ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଧାରା ୭ ଅନୁଯାୟୀ ଯୋଗାଣ ବିଭାଗ ମାମଲା ରୁଜୁ କରିଛି। ପୂର୍ବରୁ ମଧ୍ୟ ପ୍ରଶାସନ ପକ୍ଷରୁ ୪ଟି ଧାନ ବୋଝେଇ ଟ୍ରକ୍‌କୁ ଜବତ କରାଯାଇଛି।

## ରେଳଧାରଣା କଡ଼ରୁ ମହିଳାଙ୍କ ମୃତଦେହ ଜବତ

ଲୋଇସିଂହା,୧୯।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତି ରାସ୍ତା ରେଲ୍‌ୱେ ଭୂତଳ ପୋଲ ପାଖ ରେଳଧାରଣା କଡରେ ଜଣେ ମହିଳାଙ୍କ ମୃତଦେହ ଜିଆରପି ଏବଂ ଆର୍‌ପିଏଫ୍ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆର୍‌ପିଏଫ୍ ପକ୍ଷରୁ କୁହଯାଇଛି। ମୃତଦେହ ଦେଖିଲା ପରେ ଲୋଇସିଂହାରେ ବୁଲାବୁଲି କରୁଥିବା ଅଜଣା ମାନସିକ ବିକାରଗ୍ରସ୍ତ ମହିଳା ବୋଲି କେତେଜଣ ଲୋକ ଚିହ୍ନଟ କରିଛନ୍ତି। ଉକ୍ତ ମହିଳାଙ୍କୁ ବଳାତ୍କାର ପରେ ହତ୍ୟାକରି ରେଳ ଲାଇନ କଡ଼ରେ ପକାଇ ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଏନେଇ ସ୍ଥାନୀୟ ମହେଶ୍ୱରୀ ଓ ପ୍ରତିଜ୍ଞା ସମାଜ ସଂଗଠନ ସରଜମିନ ତଦନ୍ତ ପାଇଁ ଲୋଇସିଂହା ଥାନାରେ ଲିଖିତଭାବେ ଜଣାଇଛନ୍ତି। ଲୋଇସିଂହା ଷ୍ଟାଡିୟମ ମୁଖ୍ୟଗେଟ ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ରହି ଆସୁଥିଲେ। ମଙ୍ଗଳବାର ସନ୍ଧ୍ୟା ଯାଏ ସମ୍ପୃକ୍ତା ମହିଳା ବୁଲାବୁଲି କରୁଥିବା ଲୋକେ ଦେଖିଥିଲେ। ବୁଧବାର ସକାଳୁ ତାଙ୍କ ଦେଖା ମିଳି ନ ଥିଲା। ମଧ୍ୟାହ୍ନରେ ସେହି ଅଞ୍ଚଳକୁ ଛେଳି ଚରାଇବାକୁ ଯାଇଥିବା କେତେଜଣ ଲୋକ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ପ୍ରତିଜ୍ଞା ସମାଜ ସେବା ସଂଗଠନ ସଭାନେତ୍ରୀ ବନୀ ପଧାନ ଘଟଣାସ୍ଥଳକୁ ଯାଇ ମୃତା ଜଣକ ସମ୍ପୃକ୍ତ ମାନସିକ ବିକାରଗ୍ରସ୍ତ ମହିଳା ବୋଲି ଚିହ୍ନଟ କରିଥିଲେ। ମାମଲା ଜିଆରପି ପରିସର ବୋଲି ଲୋଇସିଂହା ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି।

## ସପ୍ତମ ବେତନ ଲାଗୁ ପାଇଁ ଅଧ୍ୟାପକ, କର୍ମଚାରୀଙ୍କ ଦାବି

ସୋନପୁର,୧୯।୧(ନି.ପ୍ର.)

ନିଖିଳ ଓଡିଶା ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ସଞ୍ଜୀବ କୁମାର ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲାର ଯୁକ୍ତ ୨ ଓ ଯୁକ୍ତ ୩ ବର୍ଗର ସମସ୍ତ ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ନିଖିଳ ଓଡିଶା ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ସଭାପତି ସଲିଳ ରାଜନନ୍ଦନ ମହାନ୍ତି, ଉପସଭାପତି ସଞ୍ଜୀବ କୁମାର ରାଉତ ଓ ପଶ୍ଚିମ ଓଡିଶାର ଆବାହକ ଅନୀଲ କୁମାର ଦେବତା ଅଂଶଗ୍ରହଣ କରିଥିଲେ। ଯୋଗ୍ୟତା ଥିବା ସତ୍ତ୍ୱେ ୨୦୧୮ ଅନୁଦାନ ଆଇନକୁ ସପ୍ତମ ବେତନରେ ସାମିଲ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ଜିଲାର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଏକତ୍ରିତ ହୋଇ ସପ୍ତମ ବେତନ ଲାଗୁ ପାଇଁ ଉଚିତ ପନ୍ଥା ଅବଲମ୍ବନ କରିବା ପାଇଁ ରାଜ୍ୟ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଯଥାଶୀଘ୍ର ଏହି ବର୍ଗର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଏଥିରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭାଗୀୟ ମନ୍ତ୍ରୀ, ସଚିବ ଓ ସ୍ଥାନୀୟ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଥିଲା। ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଯଥାଶୀଘ୍ର ସପ୍ତମ ବେତନ ହାରରେ ଦରମା ଦେବା ସହ ଆଗାମୀ ଦିନରେ ୨୦୧୭-୧୮ ଅନୁଦାନ ନୀତିରେ କୌଣସି ପାତରଅନ୍ତର ନ କରି ସମସ୍ତ ସୁବିଧା ସୁଯୋଗ ଲାଗୁ କରିବାକୁ ସରକାରଙ୍କୁ ଆବେଦନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ସରପଞ୍ଚ ପ୍ରାର୍ଥୀଙ୍କ ନାମାଙ୍କନ ରାଲିରେ ଶତାଧିକ ମହିଳା

**ଡୁମେରପିଟା ପଞ୍ଚାୟତ**

■ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଦେଓଗାଁ,୧୯।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଡୁମେରପିଟା ପଞ୍ଚାୟତରେ ବୁଧବାର ନାମାଙ୍କନ ପତ୍ର ଦାଖଲ ସମୟରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଜଣେ ମହିଳା ସରପଞ୍ଚ ପ୍ରାର୍ଥିନୀ ଶତାଧିକ ମହିଳାଙ୍କ ସହ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହାକୁ ନେଇ ତାଙ୍କ ବିରୋଧୀ ପ୍ରାର୍ଥୀମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଛନ୍ତି। ଉକ୍ତ ଶୋଭାଯାତ୍ରାରେ ସାମିଲ ଥିବା ଭିଜେଲର୍ସ ଇଣ୍ଡିଆ ପାର୍ଟି ଅଧ୍ୟକ୍ଷ ଡ. ବିପିନ କୁଶୁଲିଆଙ୍କୁ ପଚାରିବାରୁ କହିଛନ୍ତି ଯେ, ଗାଁର ଜଣେ ମହିଳା ପ୍ରାର୍ଥୀ ବାସନ୍ତୀ ପଟେଲଙ୍କ ସହ କେତେକ ମହିଳା ଖୁସିରେ ପଞ୍ଚାୟତ ଅଫିସ ସମ୍ମୁଖ ପର୍ଯ୍ୟନ୍ତ ଆସିଥିଲେ। ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହୋଇନାହିଁ। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ମୁରଲୀଧର ନାଏକଙ୍କୁ ପଚାରିବାରୁ ହସ୍ତଗତ ହୋଇଥିବା ଭିଡିଓର ତଦନ୍ତ କରି ରିପୋର୍ଟ ଦେବାକୁ ଦେଓଗାଁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି କହିଛନ୍ତି।

## ତୃତୀୟ ଦିନରେ ୨୨୨୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**କଳାହାଣ୍ଡି ଜିଲାରେ ପଞ୍ଚାୟତ ନିର୍ବାଚନ**

ଭବାନୀପାଟଣା,୧୯।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଛି। ଜିଲାରେ ସୋମବାର, ମଙ୍ଗଳବାର ଓ ବୁଧବାର ୩ ଦିନରେ ନାମାଙ୍କନ ସଂଖ୍ୟା ୩୧୫୩ରେ ପହଞ୍ଚିଛି। ବୁଧବାର ତୃତୀୟ ଦିନରେ ଜିଲାରେ ସମୁଦାୟ ୨୨୨୪ଜଣ ପ୍ରାର୍ଥୀନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏଥିରେ ୧୪୮୧ ଜଣ ୱାର୍ଡମେମ୍ବର, ୪୪୫ ସରପଞ୍ଚ, ସମିତିସଭ୍ୟ ୨୮୬ ଓ ଜିଲା ପରିଷଦ ୧୨ଜଣ ପ୍ରାର୍ଥୀନୀ/ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ଜିଲାର କେସିଙ୍ଗା ବ୍ଲକରେ ୨୩୨, ଧର୍ମଗଡରେ ୧୮୦, ଜୁନାଗଡରେ ୨୫୦, ଏମ୍. ରାମପୁରରେ ୧୧୯, କୋକସରାରେ ୧୭୫, ଗୋଲାମୁଣ୍ଡାରେ ୨୮୪,କର୍ଲାମୁଣ୍ଡାରେ ୮୩, ଜୟପାଟଣାରେ ୧୪୫, ନର୍ଲାରେ ୧୯୦, କଳମପୁରରେ ୬୪, ଲାଞ୍ଜିଗଡରେ ୯୮, ଭବାନୀପାଟଣାରେ ୩୧୩ ଓ ଥୁଆମୂଳ ରାମପୁର ବ୍ଲକରେ ୯୧ ଜଣ ପ୍ରାର୍ଥୀନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।

## ପଞ୍ଚଖଣ୍ଡା କ୍ରିକେଟ: ଏସ୍‌ଡିସିଏ ସୋନପୁର ଚାମ୍ପିୟନ

ଅମରପାଲି,୧୯।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପିଏସସି ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପିସିସି ପାଟଣାଗଡକୁ ହରାଇ ଏସଡିସିଏ ସୋନପୁର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଦୁଇଟି ଫର୍ମାଟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ପାଟଣାଗଡ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୯୧ରନ କରିଥିଲା। ଦଳର ସନ୍ତୋଷ ୨୫ ଓ କିଶୋର ୨୦ରନ କରିଥିଲେ। ସୋନପୁରର ସୁମନ ମହାରଣା, ରାଜନିସ ଯାଦବ ଓ ପୁରୁଷୋତ୍ତମ ପାତ୍ର ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୧୪.୨ଓଭରରେ ୪ଉଇକେଟ ହରାଇ ୯୨ରନ କରିଥିଲା। ଦଳର ଅଭିଳାସ ନାଏକ ୨୬ ଓ ପୁରୁଷୋତ୍ତମ ପାତ୍ର ୨୪ରନ ଲେଖାଏ କରିଥିଲେ। ଦ୍ୱିତୀୟ ଫର୍ମାଟରେ ପାଟଣାଗଡ ନିର୍ଦ୍ଧାରିତ ୧୨ଓଭରରେ ୮ ଉଇକେଟ ହରାଇ ୧୦୪ରନ କରିଥିଲା। ଦଳର ବିକାଶ ବନଛୋର ୨୨ ଓ ରାଜେଶ ସିକା ୨୫ରନ କରିଥିଲେ। ଦଳର ସୁମନ ମହାରଣା, ଆକାଶ ପାତ୍ର ଓ ପୁରୁଷୋତ୍ତମ ପାତ୍ର ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ।



ଚାମ୍ପିୟନ ସୋନପୁର ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଜବାବରେ ସୋନପୁର ଦଳ ୧୦ ଓଭରରେ ୫ଉଇକେଟ ହରାଇ ୧୦୫ରନ କରିଥିଲା। ଦଳର ଆକାଶ ପାତ୍ର ୩୮, ଉମାଶଙ୍କର ହୋତା ୨୩ ଓ ରାଜନିସ ଯାଦବ ୨୨ରନ କରିଥିଲେ। ବିପକ୍ଷ ହର ବେଷ୍ଟକର ୨ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସୋନପୁର ଚାମ୍ପିୟନ ହୋଇଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ୱେଚ୍ଛାସେବୀ ଜୟଶ୍ରୀ ଦେହୁରୀ ଓ ପ୍ରଫୁଲ୍ଲ ଦନ୍ତା ଅତିଥିଭାବେ ଯୋଗଦେଇଥିଲେ। ସୋନପୁରର ଆକାଶ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜଭାବେ ପୁରସ୍କୃତ କରାଯାଇ ଥିଲା। ଚାମ୍ପିୟନ ସୋନପୁର ଦଳକୁ ନଗଦ ୨୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ପାଟଣାଗଡ ଦଳକୁ ନଗଦ ୧୫ଜହାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

## ବିଜେଡିରେ ମିଶିଲେ ବ୍ଲକ ଭାଜପା ମଣ୍ଡଳ ସଭାପତି

କୋକସରା,୧୯।୧(ଡି.ଏନ.ଏ.)

ବିଜେଡିରେ ମିଶିଲେ କଳାହାଣ୍ଡି ଜିଲା କୋକସରା ବ୍ଲକ ଭାଜପା ମଣ୍ଡଳ ସଭାପତି ତ୍ରିନାଥ ବାଗ। ବୁଧବାର ଧର୍ମଗଡ ବିଧାୟକ ମୌଷଧି ବାଗଙ୍କ କୋକସରା ବ୍ଲକ ମାଝିଗୁଡାସ୍ଥିତ ବାସଭବନରେ ନିଜର ସମର୍ଥକଙ୍କ ଗହଣରେ ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବରୁ ସେ କୋକସରା ବ୍ଲକ ଭାଜପା ମଣ୍ଡଳ ସଭାପତି ସହ ଅନ୍ୟ ପଦ ପଦବୀରେ ରହି ଦଳ ପ୍ରତି କାମ କରୁଥିଲେ। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୋକସରା ଜୋନ ୨ ଜିଲା ପରିଷଦ ଆସନ ପାଇଁ ସେ ଭାଜପା ପକ୍ଷରୁ ଆଶାୟୀ ପ୍ରାର୍ଥୀ ରହିଥିଲେ। ଦଳୀୟ ଟିକେଟ ନ ମିଳିବାରୁ ସେ ଅସନ୍ତୋଷ ପ୍ରକାଶ କରି ବୁଧବାର ନିଜ ସମର୍ଥକଙ୍କ ସହ ବିଜେଡିରେ ମିଶିଛନ୍ତି। ମିଶ୍ରଣ ପର୍ବରେ ବିଧାୟକଙ୍କ ସହ ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ଯାଦବ ସମାଜ ସଭାପତି ବିନୋଦ ବିହାରି ରାଉତ, ବିଧାୟକ ପ୍ରତିନିଧି ମାନସ ରନ ବାଗ, ପୂର୍ବତନ ଧର୍ମଗଡ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ବ୍ଲକ ସମ୍ପାଦକ ପଙ୍କଜ ପୋଡ଼, ଅଜୟ କୁମାର ସାହୁ, ମହେଶ ଗୁପ୍ତା, ହେମନ୍ତ ବାଣୁଆ ପ୍ରମୁଖ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ପାର୍ବତୀ ଗିରି ଜୟନ୍ତୀ

ପାଇକମାଲ,୧୯।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ-ନୃସିଂହନାଥ ରାସ୍ତାରେ ଥିବା କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ବୁଧବାର ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ କ୍ରୀଡା, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅତଥିଭାବେ ନିରୁପମା ମହାପାତ୍ର, ଅନୁଷ୍ଠାନ ଅଧ୍ୟ ନିର୍ମଳ କୁମାର ଗିରି, ସୁଚରିତ ପଣ୍ଡା, ସୁରଭି ବାରିକ, ଯଶୋବନ୍ତୀ ଭୋଇ ପ୍ରମୁଖ ଉପସ୍ଥିତ ରହି ପାର୍ବତୀ ଗିରିଙ୍କ ଜୀବନୀ ଉପରେ ମତ ରଖିଥିଲେ। ସଞ୍ଜୀବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଦିନରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି

ବୋଡେନ,୧୯।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକର ସମିତି ପଦବୀ, ସରପଞ୍ଚ, ୱାର୍ଡମେମ୍ବର ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ବୁଧବାର ତୃତୀୟ ଦିନରେ ସମିତି ସଦ୍ୟ ପଦବୀ ପାଇଁ ୫୨ଜଣ ପ୍ରାର୍ଥୀ ଫରମ ଗ୍ରହଣ କରିଥିବାବେଳେ ୧୫ ଜଣ ପ୍ରାର୍ଥୀ ଫରମ ଦାଖଲ କରିଛନ୍ତି। ସେହିଭଳି ସରପଞ୍ଚ ୭୯ଜଣ ପ୍ରାର୍ଥୀ ଫରମ ନେଇଥିବା ବେଳେ ୨୯ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବୋଡେନ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀନୀ ଭାବେ ରଶ୍ମିତା ସିହ୍ନା ଓ ସରୋଜବାଇ ଅଗ୍ରୱାଲ ନିଜର କର୍ମୀ ଓ ଦଳଙ୍କ ସହ ପଞ୍ଚାୟତରେ ପହଞ୍ଚି ଫରମ ଦାଖଲ କରିଥିଲେ। ସେହିଭଳି ୱାର୍ଡମେମ୍ବର ପ୍ରାର୍ଥୀ ଭାବେ ୧୨୯ଜଣ ପ୍ରାର୍ଥୀ ଫରମ ଗ୍ରହଣ କରିଥିଲେ ୭୯ ଜଣ ପ୍ରାର୍ଥୀ ଫରମ ଦାଖଲ କରିଥିବା ଜଣାପଡ଼ିଛି।

# ମମିତା ହତ୍ୟା ଘଟଣା, ଧାନର ଅଭାବୀ ବିକ୍ରି ମୁଖ୍ୟ ପ୍ରସଙ୍ଗ

ଭବାନୀପାଟଣା,୧୯।୧(ସ୍ୱ.ପ୍ର.)

ଆସନ୍ତା ଫେବୃୟାରୀ ୧୬ରୁ ଆରମ୍ଭ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏବେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ନିର୍ବାଚନ ଲାଗି କଳାହାଣ୍ଡି ଜିଲା ଓ ବ୍ଲକ ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଜିଲାରେ ୧୩ଟି ବ୍ଲକ ଓ ୩୬ଟି ଜିଲା ପରିଷଦ ଆସନ ପାଇଁ ୫ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତ ନିର୍ବାଚନ ବିଗୁଲ ବାଜିବା ପରେ ତିନି ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ସରଗରମ ଦେଖିବାକୁ ମିଳିଛି। ସମସ୍ତେ ବିଜୟ ହେବା ପାଇଁ ଏବେଠୁ ପ୍ରସ୍ତୁତ ମଧ୍ୟ ଆରମ୍ଭ କରିଦେଲେଣି। ଏଥର କରୋନା କଟକଣା ଯୋଗୁ ଘରକୁ ଘର ସମ୍ପର୍କ ଅଧିକ ଗୁରୁତ୍ୱ ବହନ କରିବ ବୋଲି ପ୍ରାର୍ଥୀମାନେ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରିସାରିଛନ୍ତି। ଜିଲାରେ ଏଥର ୩୭୧୮ଟି ବୁଥ୍‌ରେ ମତଦାନ କେନ୍ଦ୍ରରେ ୧୦,୫୬,୧୯୪ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। କଳାହାଣ୍ଡି ଜିଲାରେ ୩୬ଟି ଜିଲା ପରିଷଦ ଜୋନ୍, ୩୧୦ଟି ସରପଞ୍ଚ ଓ ୩୧୦ଟି ସମିତିସଭ୍ୟ ପଦବୀ ରହିଛି। ଜିଲାରେ ୩୭୧୮ଟି ୱାର୍ଡମେମ୍ବର ପାଇଁ ନିର୍ବାଚନ ପ୍ରକ୍ରିୟା ମଧ୍ୟ ଚାଲୁ ରହିଛି।

**କଳାହାଣ୍ଡି ଜିଲା**

■୩୭୧୮ ବୁଥ୍‌ରେ ମତଦାନ କରିବେ ୧୦୫୬୧୯୪ ଭୋଟର




ଜିଲାରେ ଗତ ପଞ୍ଚାୟତ ନିର୍ବାଚନରେ ୩୬ଟି ଜିଲା ପରିଷଦ ଆସନରୁ ୩୩ଟି ଭାଜପା ଖାତାକୁ ଯାଇଥିଲା। ଏଥର ମଧ୍ୟ ଭାଜପା ସେହି ପୁନରାବୃତ୍ତିକୁ ବଜାୟ ରଖିବାକୁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡିଛି। ସେହିପରି ଶାସକ ବିଜେଡି ଜିଲାରେ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ଲୋକଲୋଚନକୁ ପହଞ୍ଚାଇବା ସହ ଭାଜପାକୁ ଚେକପୋଷ୍ଟ ଦେବା ପାଇଁ ଅଣ୍ଟା ଭିଡିଛି। କଂଗ୍ରେସ ଚାଷୀଙ୍କ ପାଇଁ ଅଧିକ ଭାବପ୍ରବଣ ହେବା ସହ ନିକଟତର ହେବାକୁ ପ୍ରୟାସ ଆରମ୍ଭ କରିଛି। ଏପରିସ୍ଥଳେ ଶାସକ ବିଜେଡିକୁ ଚେକପୋଷ୍ଟ ଦେବା ପାଇଁ ଭାଜପା ଓ କଂଗ୍ରେସ ମମିତା ମେହେର ହତ୍ୟା ଘଟଣା ଓ ଧାନର ଅଭାବ ବିକ୍ରିକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ଜଣାପଡିଛି।

**ରିପୋର୍ଟ-ଉତ୍ତମ କୁମାର ଦାଶ**

## ଜିଲା ପରିଷଦ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କର୍ଲାମୁଣ୍ଡା ଖ' ଜୋନ**

କର୍ଲାମୁଣ୍ଡା,୧୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ମୋଟ ୨ଟି ଜିଲା ପରିଷଦ ଆସନ ପାଇଁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରି ନ ଥିଲେ ହେଁ ଏହି ବ୍ଲକର ଖ' ଜୋନ ପାଇଁ କଂଗ୍ରେସ ପ୍ରାର୍ଥି ଭାବେ ରେଗଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ସୁରେଶ ଚୌଧୁରୀ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ଜୋନ ପାଇଁ ଭାଜପାରୁ ଟିକେଟ ପାଇଁ ଜୟନ୍ତୀ ସାହୁ, ନବୀନ ସାହୁ ଦୌଡରେ ଥିବା ବେଳେ ବିଜେଡି ପକ୍ଷରୁ କୁନି ସାହୁ, ସଂଯୁକ୍ତା ସାହୁ, ବିରଞ୍ଚି ରଣା, ଭୋଜବନ୍ତି ସାହୁ, ଦେବରାଜ ରଣା, ମାଧବ ସାହୁ ଦଳୀୟ ଟିକଟ ପାଇଁ ଆଶାୟୀ ରହିଥିବା ସୂଚନା ମିଳିଛି।